# ସାଲେପୁର କଲେଜରେ ସଚେତନତା

ସାଲେପୁର, ୪।୧୧ (ନି.ପ୍ର.): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସପ୍ତାହରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ଡ. ସଙ୍ଗୀତା ମିଶ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଦୁର୍ନୀତିମୁକ୍ତ ସମାଜ ଗଠନ କରିବାକୁ ଶପଥ ପାଠ କରାଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରାଧ୍ୟାପିକା ଜୟନ୍ତୀବାଳା ପରିଡ଼ାଙ୍କ ତତ୍ତ୍ୱାବଧାନରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ,




ଆର୍ଯ୍ୟପୁତ୍ରୀ ସ୍ଥିତପ୍ରଜ୍ଞା, ସ୍ୱାତୀ ତନୟା ଆଚାରୀ, ସ୍ୱାତୀମୁକ୍ତା ଷଡ଼ଙ୍ଗୀ, ରଶ୍ମିତା ନାୟକ, ରଶ୍ମିତା ଦାସ, ଶୁଚିସ୍ମିତା ଦାଶ, ଶ୍ରୀୟା ସକୁଳ ବଳ, ପ୍ରଭାସିନୀ ଲେଙ୍କା, ଜୟଶ୍ରୀ ପଟ୍ଟନାୟକ, ଅଶୋକ କୁମାର ନାୟକ ପ୍ରମୁଖ ଅଧ୍ୟାପକ ପରିଚାଳନା କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ପ୍ରସନ୍ନ ମହାପାତ୍ର, ଡ. ପ୍ରଦ୍ୟୁମ୍ନ ଚୌଧୁରୀ, ନିରଞ୍ଜନ ବିଶ୍ୱାଳ, ଡ. ସୁଶାନ୍ତ କୁମାର ପାଢ଼ୀ ପ୍ରମୁଖ ଦୁର୍ନୀତି ବିରୋଧରେ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। କଲେଜ ଅଧ୍ୟକ୍ଷା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

The Samaja -05.11.2023